১৬ ফେବୃଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

ଓ୍ୱହଦ୍ ଯୁଦ୍ଧର ଘଟଣାଚକ୍ରରେ ହଜରତ ମୁହମ୍ମଦ ସ.ଅଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସାହାବାମାନଙ୍କର ନିଜ ପ୍ରିୟ ମୁନିବଙ୍କ ପ୍ରତି ନିଷ୍ଠା, ତ୍ୟାଗ ଓ ପ୍ରେମାନୁରାଗର ବିଶ୍ୱାସବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର ଅ.ବ କହିଲେ; ଓ୍ୱହଦ୍ ଯୁଦ୍ଧର ଘଟଣାଚକ୍ରରେ ହଜରତ ମୁହମ୍ମଦ ସ.ଅଙ୍କ (ଜୀବନୀ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭକାରୀ ସାହାବାମାନଙ୍କର ନିଜ ପ୍ରିୟ ମୁନିବଙ୍କ ପ୍ରତି ନିଷ୍ଠା, ତ୍ୟାଗ ଓ ପ୍ରେମାନୁରାଗର ବିଶ୍ୱାସବର୍ଦ୍ଧକ ଆଲୋଚନା ଚାଲିଥିଲା । ଏହି ପରିପ୍ରେକ୍ଷୀରେ ହଜରତ ଖାରଜାଃ ବିନ୍ ଜୈଦ୍ ର.ଅଙ୍କ ଶହିଦ୍ ହେବାର ବର୍ଣ୍ଣନା ଉଲ୍ଲେଖ ରହିଛି । ତାଙ୍କୁ ୧୩ରୁ ଉର୍ଦ୍ଧ୍ୱ ଆଘାତ ଲାଗିଥିଲା ଏବଂ ଶେଷରେ ସଫ୍‌ଓ୍ୱାନ୍ ବିନ୍ ଉମୈୟା ତାଙ୍କୁ ଶହିଦ୍ କରିଥିଲା । ସେଥିଅନ୍ତେ ନିଷ୍ଠୁର ଅମାନ୍ୟକାରୀମାନେ ତାଙ୍କର ମୁସ୍‌ଲା (ଅଙ୍ଗ ଛେଦ) ମଧ୍ୟ କରିଥିଲେ ।

ବର୍ଣ୍ଣିତ ରହିଛି ଯେ, ଓ୍ୱହଦ୍ ଯୁଦ୍ଧଦିନ ହଜରତ ଅବ୍‌ବାସ ବିନ୍ ଅବାଦାଃ ର.ଅ ଉଚ୍ଚସ୍ୱରରେ କହୁଥିଲେ କି ହେ ମୁସଲମାନ ଗୋଷ୍ଠୀ ! ଅଲ୍ଲାଃ ଓ ନିଜ ପ୍ରିୟ ନବୀଙ୍କ ସହିତ ଯୋଡ଼ି ରୁହ । କାରଣ ଏ ଯେଉଁ ମହାବିପତ୍ତି ତୁମମାନଙ୍କୁ ଗ୍ରାସ କରିଛି ତାହା ବାସ୍ତବରେ ନିଜ ପ୍ରିୟ ମୁନିବଙ୍କର ଅବଜ୍ଞା କରିବା ଯୋଗୁଁ ପହଞ୍ଚିଛି । ସେ ତୁମ ସାହାଯ୍ୟ କରିବାର ଅଙ୍ଗୀକାର କରିଛନ୍ତି କିନ୍ତୁ ତୁମେମାନେ ଧୈର୍ଯ୍ୟ ରକ୍ଷା କଲ ନାହିଁ । ତତ୍ ପଶ୍ଚାତ ହଜରତ ଅବ୍‌ବାସ ବିନ୍ ଅବାଦାଃ ର.ଅ ନିଜ ଯୁଦ୍ଧ କବଚ ଓ ମୁକୁଟ ଓହ୍ଲାଇ ଦେଲେ ଏବଂ ହଜରତ ଖାରଜାଃ ବିନ୍ ଜୈଦ୍‌ଙ୍କୁ ପଚାରଲେ କ'ଣ ଏବେ ଏହାର ଆବଶ୍ୟକତା ଅଛି । ଖାରଜାଃ ର.ଅ ଉତ୍ତର ଦେଲେ ନା ! ଯାହାର ତୁମେ ଅଭିଳାଷୀ ତାହା ମୁଁ ମଧ୍ୟ କାମନା କରେ ଅର୍ଥାତ ଶହିଦ୍ ହେବା । ସେଥିଅନ୍ତେ ସେ ସଭିଏଁ ଶତ୍ରୁ ସହ ମୁହାଁମୁହିଁ ହୋଇଗଲେ । ହଜରତ ଅବ୍‌ବାସ ବିନ୍ ଅବାଦାଃ ର.ଅ କୁହନ୍ତି; ଯଦି ଆମ ଉପସ୍ଥିତିରେ ହଜୁର ସ.ଅଙ୍କୁ କୌଣସି କଷ୍ଟ ପହଞ୍ଚେ ତେବେ ଆମେ ନିଜ ପାଳନକର୍ତ୍ତାଙ୍କୁ କି ଉତ୍ତର ଦେବା । ହଜରତ ଖାରଜାଃ ର.ଅ କହୁଥିଲେ, ଏହି ପ୍ରସଙ୍ଗରେ ଆମେ ନିଜ ପାଳନକର୍ତ୍ତାଙ୍କ ନିକଟରେ ନା କୌଣସି ଆଳ କରିପାରିବା ଏବଂ ନା କୌଣସି ଦଲିଲ ଦେଇପାରିବା । ହଜରତ ଅବ୍‌ବାସ ବିନ୍ ଅବାଦାଃ ର.ଅଙ୍କୁ ଅବୁ ସୁଫୟାନ୍ ଶହିଦ୍ କରିଥିଲା । ଆଉ ହଜରତ ଖାରଜାଃ ର.ଅଙ୍କୁ ତୀରର ୧୦ଗୋଟିରୁ ଉର୍ଦ୍ଧ୍ୱ ଆଘାତ ଲାଗିଥିଲା ।

ପୁନଶ୍ଚ ହଜରତ ଶମାସ୍ ବିନ୍ ଉସମାନ୍ ର.ଅଙ୍କ ଶହିଦ୍ ହେବା ପ୍ରସଙ୍ଗ ବର୍ଣ୍ଣିତ ରହିଛି । ସେ ବଦର ଓ ଓ୍ୱହଦ୍ ଉଭୟ ଯୁଦ୍ଧରେ ଅଂଶଗ୍ରହଣ କରି ବେଶ ବୀରତାର ସହ ଲଢ଼ିଥିଲେ । ସେ ଓ୍ୱହଦ୍ ରଣକ୍ଷେତ୍ରରେ ହିଁ ମାତ୍ର ୩୪ବର୍ଷ ବୟସରେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ହଜରତ ମୁହମ୍ମଦ ସ.ଅ କହିଲେ; ମୁଁ ଶମାସ୍ ବିନ୍ ଉସମାନ୍ ର.ଅଙ୍କୁ ଢ଼ାଲ ସଦୃଶ ପାଇଲି । ହଜରତ ଶମାସ୍ ବିନ୍ ଉସମାନ୍ ର.ଅଙ୍କ ସଂକ୍ରାନ୍ତରେ ଇତିହାସ

ପୃଷ୍ଠାରେ ଯାହା ଉଲ୍ଲେଖ ରହିଛି ତାହା ତାଙ୍କର ନବୀଶ୍ରେଷ୍ଠଙ୍କ ପ୍ରତି ରହିଥିବା ପ୍ରେମାନୁରାଗର ଅନୁକରଣୀୟ ନମୁନା ପାଲଟି ଯାଇଛି । ଯାହାକି ଇସଲାମ ଖାତିର ନିଜ ପ୍ରାଣର ଆହୁତି ଦେବାର ସର୍ବୋଚ୍ଚ ସ୍ତରୀୟ ଉଦାହରଣ । ଓ୍ୱହଦ୍ ଯୁଦ୍ଧରେ ଯେଉଁସ୍ଥଳେ ହଜରତ ତଲ୍‌ହା ର.ଅ ଙ୍କର ନିଷ୍ଠା ଓ ପ୍ରେମପୂର୍ଣ୍ଣ କିମ୍ବଦନ୍ତି ଉଲ୍ଲେଖ ରହିଛି କି କିପରି ସେ ନିଜ ହସ୍ତ ହଜୁର ସ.ଅ ଙ୍କ ପବିତ୍ର ମୁଖ ସମ୍ମୁଖରେ ରଖି ଦେଇଥିଲେ ଯଦ୍ୱାରା କୌଣସି ତୀର ହଜୁର ସ.ଅ ଙ୍କୁ ଲାଗି ନଯିବ । ସେହିସ୍ଥଳେ ହଜରତ ଶମାସ୍ ମଧ୍ୟ ବେଶ୍ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ । **ହଜରତ ଶମାସ୍ ତ ହଜୁର ସ.ଅ ଙ୍କ ସମ୍ମୁଖରେ ଛିଡ଼ା ହୋଇଯାଇଥିଲେ ଏବଂ ପ୍ରତ୍ୟେକ ଆକ୍ରମଣ ଓ ପ୍ରହାରକୁ ନିଜେ ସହ୍ୟ କରି ଚାଲିଥିଲେ ।**

ତା'ପରେ ହଜରତ ନୁମାନ ବିନ୍ ମାଲିକ୍ ର.ଅ ଙ୍କ ଶହିଦ୍ ହେବାର ଘଟଣା ବର୍ଣ୍ଣିତ ରହିଛି । ସେ ବଦର ଓ ଓ୍ୱହଦ୍ ଉଭୟ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ ଏବଂ ଓ୍ୱହଦ୍ ଯୁଦ୍ଧରେ ଶହିଦ୍ ହେବାର ସୌଭାଗ୍ୟ ଲାଭ କରିଥିଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ତାଙ୍କୁ ସଫ୍‌ଓ୍ୱାନ୍ ବିନ୍ ଉମଈୟା ଶହିଦ୍ କରିଥିଲା । ଆଉ ଏକ ବର୍ଣ୍ଣନାନୁଯାୟୀ ତାଙ୍କୁ ଅବାନ୍ ବିନ୍ ସଈଦ୍ ଶହିଦ୍ କରିଥିଲା ।

ଗୋଟିଏ ପରିବାରର ଚାରିଜଣ ସଦସ୍ୟ ଶହିଦ୍ ହେବାର ଚର୍ଚ୍ଚା ମଧ୍ୟ ମିଳେ । ସେମାନେ ହେଲେ ସାବିତ୍ ବିନ୍ ଓ୍ୱକଶ୍ ଓ ତାଙ୍କର ଦୁଇଜଣ ଭାଇ ରଫା ବିନ୍ ଓ୍ୱକଶ୍ ଏବଂ ସାବିତ୍‌ଙ୍କର ଦୁଇଜଣ ପୁତ୍ର ସଲ୍‌ମା ବିନ୍ ସାବିତ୍ ଓ ଉମରୋ ବିନ୍ ସାବିତ୍ । ସେ ସମସ୍ତଙ୍କର ସମ୍ପର୍କ ଅନସାର କବିଲାର ବନୁ ଅବ୍ଦଲ୍ ଅଶହଲ୍ ସହିତ ଥିଲା । ରଫା ବିନ୍ ଓ୍ୱକଶ୍ ଜଣେ ବୃଦ୍ଧବ୍ୟକ୍ତି ଥିଲେ । ଯାହାଙ୍କୁ ଖାଲିଦ୍ ବିନ୍ ଓଲିଦ୍ ଶହିଦ୍ କରିଥିଲେ ।

ଉମର ବିନ୍ ସାବିତ୍ ର.ଅ ଙ୍କ ସଂକ୍ରାନ୍ତରେ ବର୍ଣ୍ଣନା ମିଳେ କି ସେ ଓ୍ୱହଦ୍ ଯୁଦ୍ଧଦିନ ନମାଜ ଫଜର୍ (ପାଠ କରିବା) ପରେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ସେହିଦିନ ହିଁ ମୁସଲମାନମାନଙ୍କ ସହିତ ଜିହାଦ୍‌ରେ ସାମିଲ ହୋଇ ଶହିଦ୍ ହେବାର ଗୌରବ ଅର୍ଜନ କରିଥିଲେ । ପୈଗମ୍ବର ମୁହମ୍ମଦ ମୁସ୍ତଫା ସ.ଅ ତାଙ୍କ ସଂକ୍ରାନ୍ତରେ କହିଲେ; **ଉମର ବିନ୍ ସାବିତ୍ ର.ଅ ଜଣେ ବୈକୁଣ୍ଠବାସୀ ।**

ଏହିପରି ସାହାବାଙ୍କ ବଳିଦାନର ଘଟଣାଚକ୍ରରେ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ର.ଅ ଙ୍କର ଚର୍ଚ୍ଚା ମିଳୁଅଛି । ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ଅଲ୍ଲାଃ ଓ ରସୁଲ ସ.ଅ ଙ୍କ ପ୍ରେମ ତାଙ୍କୁ ସମସ୍ତ ସାଂସାରିକ ମୋହମାୟା ଠାରୁ ଅଧିକ ପ୍ରିୟ ଥିଲା ଯଦ୍ୱାରା ସେ ସଂସାର ବୈରାଗୀ ପରି ପାଲଟି ଯାଇଥିଲେ । ଯଦି ସେମାନଙ୍କର କିଛି ଅଭିଳାଷ ଥିଲା ତେବେ ତାହା ଏହିକି ଯେ, ନିଜ ଜୀବନ ଓ ପ୍ରତିଷ୍ଠା ସବୁକିଛି ପ୍ରଭୁଙ୍କ ମାର୍ଗରେ ଉତ୍ସର୍ଗ ହୋଇଯାଉ । ଅତଏବ ତାଙ୍କର ଏହି ଅଭିଳାଷ ମଧ୍ୟ ପୂରଣ ହୋଇଥିଲା ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ଶହିଦ୍ ହେବାର ସୌଭାଗ୍ୟ ଲାଭ କରିଥିଲେ । ଶହିଦ୍ ହେବାର ପୂର୍ବଦିନ ହିଁ ସେ ଦୁଆ କରିଥିଲେ, ହେ ପ୍ରଭୁ ! ଆସନ୍ତା କାଲି ମୋ ସମ୍ମୁଖରେ ଏକ ଏପରି ଯୋଦ୍ଧା ଆସୁ ଯାହାର ପ୍ରତାପ ସୁପ୍ରସିଦ୍ଧ ହୋଇଥିବ । ଆଉ ମୁଁ ତାହା ସହିତ କେବଳ ତୁମ ଖାତିର ଯୁଦ୍ଧ କରିବି ଏବଂ ଶେଷରେ ସେ ମୋତେ ନିହତ କରି ମୋର ନାକ, କାନ କାଠି ଦେଉ । ଆଉ ମୁଁ ସେହିପରି ଅବସ୍ଥାରେ ତୁମ ସମ୍ମୁଖରେ ହାଜର ହୁଏ ଏବଂ ତୁମ୍ଭେ ମୋତେ ପଚାରିବ କି ହେ ମୋର ଭକ୍ତ ! କାହା ମାର୍ଗରେ ତୁମର ନାକ, କାନ କଟିଛି । ଏଥିରେ ମୁଁ ଉତ୍ତର ଦେବି ହେ ପ୍ରଭୁ ! ମୋର ଏହି ଦାରୁଣ ଅବସ୍ଥା ତୁମ ଓ ତୁମ ପ୍ରିୟ ଦୂତଙ୍କ ମାର୍ଗରେ ପରିଚାଳିତ ହେବା ଯୋଗୁଁ ହୋଇଛି । ହଜରତ ହମ୍‌ଜାଃ ଓ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ର.ଅ ଙ୍କୁ ଗୋଟିଏ କବରରେ ସମାଧି ଦିଆଯାଇଥିଲା । ହଜରତ ହମ୍‌ଜାଃ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ର.ଅ ଙ୍କର ମାମୁ ଥିଲେ ଏବଂ ଶହିଦ୍ ହେବା ସମୟରେ ତାଙ୍କ

ବୟସ ୪୦ରୁ କିଛି ଉର୍ଦ୍ଧ୍ୱ ଥିଲା ।

ସେଥିଅନ୍ତେ ହଜରତ ଅବୁ ସାଦ୍ ଖୈସମା ବିନ୍ ଅବୁ ଖୈସମା [ର.ଅ]ଙ୍କର ଶହିଦ୍ ହେବାର ଘଟଣା ଦରଜ ରହିଛି । ଖୈସମା[ର.ଅ] ଓ୍ୱହଦ୍ ଯୁଦ୍ଧଦିନ ହଜୁର [ସ.ଅ]ଙ୍କୁ ଅନୁରୋଧ କରିଥିଲେ କି ହେ ଅଲ୍ଲାଃଙ୍କ ରସୁଲ ! ମୁଁ ବଦର ଯୁଦ୍ଧରେ ସାମିଲ ହୋଇପାରି ନଥିଲି କିନ୍ତୁ ଅଲ୍ଲାଃଙ୍କ ରାଣ ମୋ ମନରେ ସେଥିରେ ଯୋଗ ଦେବାର ଭୀଷଣ ଲାଳଷା ରହିଥିଲା । ବଦର ଯୁଦ୍ଧରେ ସାମିଲ ହେବା ପାଇଁ ଆମେ ଗୋଳା ପକାଇଥିଲୁ, ଆଉ ଭାଗ୍ୟ ବଶତଃ ମୋ ପୁତ୍ରର ନାମ ବାହାରି ଥିଲା । ଆଉ ସେ ସେହି ଯୁଦ୍ଧରେ ଶହିଦ୍ ହେବାର ସୌଭାଗ୍ୟ ଲାଭ କରିଥିଲା । ମୁଁ ସ୍ୱପ୍ନରେ ନିଜ ସୁପୁତ୍ରକୁ ବୈକୁଣ୍ଠର ଉଦ୍ୟାନ ଓ ନିର୍ଝରରେ ଭ୍ରମଣ କରୁଥିବାର ଦେଖିଛି । ସେ ମୋତେ କହିଲା; ଆପଣ ମଧ୍ୟ ଆମ ନିକଟକୁ ଚାଲି ଆସ, ଆମେ ବୈକୁଣ୍ଠରେ ମିଳିମିଶି ରହିବା । **ସେ ଆହୁରି କହିଲା କି ମୁଁ ନିଜ ପାଳନକର୍ତ୍ତାଙ୍କ ଅଙ୍ଗୀକାରକୁ ସମ୍ପୂର୍ଣ୍ଣ ସତ୍ୟ ପାଇଲି ।** ଅତଃ ମୁଁ ନିଜ ପୁତ୍ର ସହ ସାକ୍ଷାତ କରିବାର ଅଭିଳାଷୀ । ଆପଣ[ସ.ଅ] ଦୁଆ କରନ୍ତୁ ଅଲ୍ଲାଃତାଲା ମୋତେ ଶହିଦ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାନ୍ତୁ ଏବଂ ବୈକୁଣ୍ଠରେ ମୋତେ ନିଜ ପୁତ୍ରର ସାହଚର୍ଯ୍ୟତା ପ୍ରଦାନ କରନ୍ତୁ । ଏଥିରେ ହଜୁର[ସ.ଅ] ତାଙ୍କ ପାଇଁ ଦୁଆ କଲେ । ଏପରି ଖୈସମା ଓ୍ୱହଦ୍ ଯୁଦ୍ଧରେ ଶହିଦ୍ ହୋଇଥିଲେ ।

ପରବର୍ତ୍ତୀ ଘଟଣା ହଜରତ ଅବଦୁଲ୍ଲାଃ ବିନ୍ ଉମରୋ [ର.ଅ]ଙ୍କ ଶହିଦ୍ ହେବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି । ସେ ଶହିଦ୍ ହେବା ପୂର୍ବରୁ ନିଜ ସୁପୁତ୍ର ହଜରତ ଜାବିର୍ [ର.ଅ]ଙ୍କୁ କହିଥିଲେ, ମୁଁ ଦେଖୁଅଛି କି ଆସନ୍ତା କାଲି ମୁଁ ସର୍ବପ୍ରଥମେ ଶହିଦ୍ ହେବି । ମୋ ଉପରେ କିଛି କରଜ ରହିଛି, ଦେଖ ତୁମେ ତାହାକୁ ପରିଶୋଧ କରିଦେବ ଏବଂ ନିଜ ଭଗିନୀମାନଙ୍କ ସହ ଉତ୍ତମ ଆଚରଣ ପ୍ରଦର୍ଶନ କରିବ । ଜାବିର୍[ର.ଅ] ବର୍ଣ୍ଣନା କରନ୍ତି; ପରବର୍ତ୍ତୀ ଦିନ ମୋ ପିତା ଶହିଦ୍ ହୋଇଗଲେ ଏବଂ ଅମାନ୍ୟକାରୀମାନେ ତାଙ୍କ ଶରୀରର ଅଙ୍ଗ ଛେଦ କରିଥିଲେ । ଜାବିର୍[ର.ଅ] କୁହନ୍ତି; ଯେତେବେଳେ ହଜୁର[ସ.ଅ] ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ ଅନ୍ତୋଷ୍ଟିକ୍ରିୟା କରିବାକୁ ପ୍ରସ୍ଥାନ କଲେ ସେତେବେଳେ କହିଲେ; ଏହି ଶହିଦ୍‌ମାନଙ୍କୁ ସେମାନଙ୍କ ଆଘାତ ସହ ସମାଧି ଦିଅ । କାରଣ ମୁଁ ସେମାନଙ୍କ ସକାଶେ ସାକ୍ଷୀ ଅଟେ । କୌଣସି ମୁସଲମାନ ଏପରି ନଥିବେ ଯେ ଅଲ୍ଲାଃଙ୍କ ମାର୍ଗରେ କ୍ଷତାକ୍ତ ହୋଇଥିବେ । ଆଉ ପ୍ରଳୟ ଦିବସରେ ସେ ଏପରି ଅବସ୍ଥାରେ ଆସିବେ ଯେ, ତାଙ୍କ ଶରୀରରୁ ରକ୍ତ ସ୍ରାବ ହେଉଥିବ ଏବଂ ତାହା କେଶର (ଜାଫରାନ୍) ବର୍ଣ୍ଣ ଓ କସ୍ତୁରୀ ପରି ସୁଗନ୍ଧିତ ହେଉଥିବ । **ଅର୍ଥାତ ସେ ସମସ୍ତେ ଅତି ପ୍ରିୟଭକ୍ତ ।**

ହଜରତ ଜାବିର୍ ବିନ୍ ଅବଦୁଲ୍ଲାଃ[ର.ଅ] ବର୍ଣ୍ଣନା କରନ୍ତି; ଓ୍ୱହଦ୍ ଯୁଦ୍ଧଦିନ ମୋ ପିତାଙ୍କ ମରଶରୀରକୁ ଯେତେବେଳେ ଅଣାଗଲା ସେତେବେଳେ ମୋ ଫୁଫୁ ରୋଦନ କଲେ, ଆଉ ମୁଁ ମଧ୍ୟ ରୋଦନ କଲି । ଲୋକମାନେ ମୋତେ ବାରଣ କଲେ କିନ୍ତୁ ହଜୁର[ସ.ଅ] ମୋତେ ବାରଣ କଲେ ନାହିଁ । ସେଥିଅନ୍ତେ ଆପଣ[ସ.ଅ] କହିଲେ; ତୁମେମାନେ ଆଙ୍କ ପାଇଁ ରୋଦନ କର ଅବା ନକର ସେଥିରେ କୌଣସି ଫରକ ପଡ଼ିବ ନାହିଁ । ଅଲ୍ଲାଃଙ୍କ ରାଣ ! ଦେବଦୂତମାନେ ବରାବର ତାଙ୍କୁ ଢ଼ାଙ୍କି ରଖିଥିଲେ ଏପର୍ଯ୍ୟନ୍ତ କି ତୁମେମାନେ ତାଙ୍କୁ କବର ଦେଇ ଆସିଲ ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଅଲ୍ଲାଃତାଲା କହନ୍ତି; ଯେଉଁ ମୁସଲମାନମାନେ ଶହିଦ୍ ହୋଇଛନ୍ତି । ତୁମେ ତାଙ୍କୁ ମୃତକ କୁହ ନାହିଁ । ସେମାନେ ଅଲ୍ଲାଃଙ୍କର ଜୀବିତ ଶିପାହୀ ଏବଂ ଅଲ୍ଲାଃ ତାହାର ପ୍ରତିଫଳ ସେମାନଙ୍କୁ ନିଶ୍ଚୟ ପ୍ରଦାନ କରିବେ । ଓ୍ୱହଦ୍ ଯୁଦ୍ଧ ପରେ ହଜୁର[ସ.ଅ] ଦୁର୍ବଳତା ବଶତଃ ଜୋହର୍ ନମାଜ ବସିକି ପାଠ କରାଇଲେ । ଆଉ ଆପଣ [ସ.ଅ]ଙ୍କ ପଛରେ ସାହାବାମାନେ ମଧ୍ୟ ବସି ନମାଜ ପାଠ କଲେ ।

ଓ୍ୱହଦ୍ ଯୁଦ୍ଧରେ ଶହିଦ୍‌ମାନଙ୍କ ସଂଖ୍ୟା ପ୍ରସଙ୍ଗରେ ଅଧିକାଂଶ ବିଦ୍ୱାନମାନେ କୁହନ୍ତି; ସେହିଦିନ ମୋଟ ୭୦ଜଣ ସାହାବା ଶହିଦ୍ ହୋଇଥିଲେ । ଆଉ କେତେକ ବର୍ଣ୍ଣନାରେ ସେହି ସଂଖ୍ୟା ୮୦ ଉଲ୍ଲେଖ ରହିଛି । ପୁନଶ୍ଚ କେତେକ ସେହି ସଂଖ୍ୟା ୯୬, ଆଉ କେହି ୩୯ ତ ଆଉ କେହି ୧୦୮ ଥିବାର ବର୍ଣ୍ଣନା କରିଛନ୍ତି ।

ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ ଅନ୍ତୋଷ୍ଟିକ୍ରିୟା ପ୍ରସଙ୍ଗରେ ଚର୍ଚ୍ଚା ମିଳେ କି ହଜୁର[ସ.ଅ] ସେମାନଙ୍କ ଜନାଯାଃ ପାଠ କରି ନଥିଲେ । ହଜରତ ଇମାମ ଶାଫି ବର୍ଣ୍ଣନା କରନ୍ତି; ଏକାଧିକ ବର୍ଣ୍ଣନା ଏହା ହିଁ ରହିଛି କି ହଜୁର[ସ.ଅ] ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ ଜନାଯାଃ ପାଠ କରି ନଥିଲେ । ଆଉ ଯେଉଁ ବର୍ଣ୍ଣନାରେ ଜନାଯାଃ ପାଠ କରିବାର ଉଲ୍ଲେଖ ରହିଛି ଏବଂ ହଜରତ ହମଜାଃ [ର.ଅ]ଙ୍କ ପାଇଁ (ଜନାଯାଃ)ରେ ୭୦ଥର ତକବିର୍ କରିଥିବାର ଦର୍ଶା ଯାଇଛି, ତାହା ଠିକ୍ ନୁହେଁ । ଯେଉଁସ୍ଥଳେ ଏହି ବର୍ଣ୍ଣନା ମିଳେ ସେଠାରେ ଉଲ୍ଲେଖ ରହିଛି ଯେ, ହଜୁର[ସ.ଅ] ଦୀର୍ଘ ଆଠ ବର୍ଷ ପରେ ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କର ଜନାଯାଃ ପାଠ କରିଥିଲେ ।

ପରିଶେଷରେ ମହାମହିମ ହଜୁର ଅନଓ୍ୱର[ଅ.ବ] କହିଲେ; ବିଶ୍ୱର ଉତ୍କଟ ପରିସ୍ଥିତି ପ୍ରସଙ୍ଗରେ କିଛି କହିଦେଉଛି । ଯୁଦ୍ଧର ଅଗ୍ନି ତ ଦିନ ପ୍ରତିଦିନ ତୀବ୍ରତର ହୋଇ ଚାଲିଛି । ମାନବ ଜାତିକୁ ଧ୍ୱଂସ କରିବାର ଏହି ତାଣ୍ଡବଲୀଳାରୁ ଉଦ୍ଧାର କରିବା ନିମନ୍ତେ ଆମମାନଙ୍କୁ ବହୁତ ଦୁଆ କରିବାର ଆବଶ୍ୟକତା ରହିଛି । ଆଉ ଅହେମଦିମାନେ ହିଁ ଯଦି ସଠିକ୍ ରୂପେ ଦୁଆ କରନ୍ତି ତେବେ ହିଁ କିଛି ସୁଫଳ ମିଳିବ । ଇସ୍ରାଇଲ ପ୍ରଶାସନ ତ ନିଜ ଜିଦ୍‌ରେ ଅଡ଼ି ବସିଛି । ପ୍ରତ୍ୟେକ ପ୍ରସଙ୍ଗରେ ସେ କିଛି ନା କିଛି ଆଳ କରି ଦର୍ଶାଇ ଦେଉଛନ୍ତି କି ଏହି କାରଣରୁ ଅମେ ଏପରି ଆକ୍ରମଣ କରୁଅଛୁ । ଆଉ କୌଣସି କଥା ସ୍ୱୀକାର କରିବାକୁ ପ୍ରସ୍ତୁତ (ରାଜି) ନାହିଁ । ଅନ୍ୟ ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜ ମନମୁଖି କାର୍ଯ୍ୟ କରୁଛନ୍ତି ଅଥବା ସେମାନଙ୍କୁ ମଧ୍ୟ (ଇସ୍ରାଇଲର) ଭୟ ଘାରୁଛି । ସେମାନେ ବୟାନ ତ ଦେଇଥାନ୍ତି କି ଏହି ମହା ବିନାଶକାରୀ ଯୁଦ୍ଧ ଓ ଅନ୍ୟାୟ ଅତ୍ୟାଚାର ବନ୍ଦ ହେବା ଉଚିତ୍ । ଆଉ ଯେତେବେଳେ ଇସ୍ରାଇଲର ପ୍ରଧାନମନ୍ତ୍ରୀ ଅଥବା ତାଙ୍କ ପ୍ରଶାସନିକ ପ୍ରମୁଖ କିଛି ବୟାନ ଦିଅନ୍ତି ସେତେବେଳେ ଉକ୍ତ ରାଷ୍ଟ୍ରମାନେ ତାହାର ପକ୍ଷ ଧରିଥାନ୍ତି ଅର୍ଥାତ ଇସ୍ରାଇଲ ଆଡ଼କୁ ଢ଼ଳି ପଡ଼ନ୍ତି । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଦୟା କରନ୍ତୁ ଏବଂ ଅଲ୍ଲାଃତାଲା ସେମାନଙ୍କୁ ନିଜ ଆଡ଼କୁ ଆନତ କରାନ୍ତୁ କାରଣ ଏହା ହିଁ ଏକ ମାତ୍ର ମାର୍ଗ ଯାହାଙ୍କ ଶରଣାଗତ ହୋଇ ଏମାନେ ନିଜ ଇହ ଓ ପରକାଳରେ କୃତକାର୍ଯ୍ୟ ହୋଇପାରିବେ । ଅଲ୍ଲାଃତାଲା ସେମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ଆମମାନଙ୍କୁ ମଧ୍ୟ ଦୁଆ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଆମମାନଙ୍କ ସହ ଦୟା ପରବେଶ ହୁଅନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।